# ଅରୁଣିମା
# Arunima

A Newsletter of TPSODL

VOL - 03 | ISSUE 1 | MAY 2025

TPSODL
TP SOUTHERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)






## CONNECTING LIVES



TPSODL Marks Innovation Day 2025

TPSODL Prepares for Kalbaisakhi Season



# Executive Spotlight

## ଆଳାପ

**ଟିପିଏସ୍‌ଓଡିଏଲରେ ସିଟି ସର୍କଲର ଅଧିକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଅଛନ୍ତି ଶ୍ରୀ ନୃସିଂହ ନାରାୟଣ ପଣ୍ଡା । ବିଦ୍ୟୁତ ବିତରଣ କ୍ଷେତ୍ରରେ ଦୀର୍ଘ ବର୍ଷର ଅଭିଜ୍ଞତା ସହ ସିଟି ସର୍କଲରେ ଗୁଣାତ୍ମକ ବିଜୁଳି ସେବା ଯୋଗାଇବାରେ ତାଙ୍କର ବିଶେଷ ଭୂମିକା ରହିଛି । ଏଥର ଆଳାପରେ ଶ୍ରୀ ନୃସିଂହ ନାରାୟଣ ପଣ୍ଡା :-**



**୧. ଦକ୍ଷିଣ ଓଡ଼ିଶାର ବିଜୁଳି ବିତରଣ କ୍ଷେତ୍ରରେ ପରିବର୍ତ୍ତନର ଧାରାକୁ ଆପଣ କିଭଳି ଦେଖୁଛନ୍ତି ? ଏ ସମ୍ପର୍କରେ ଆପଣଙ୍କ ଅନୁଭୂତି କୁହନ୍ତୁ ?**

ବର୍ତ୍ତମାନ ଆମେ ସିଟି ସର୍କଲରେ ପାଖାପାଖି ୨.୪ ଲକ୍ଷରୁ ଅଧିକ ଲୋକଙ୍କୁ ବିଦ୍ୟୁତ ଯୋଗାଉଛୁ । ପୂର୍ବ ଅପେକ୍ଷା ଏବେ ଧୀରେ ଧୀରେ ଲୋକଙ୍କ ବିଜୁଳି ଚାହିଦା ବଢ଼ିବାରେ ଲାଗିଛି ଏବଂ ମୁଣ୍ଡପିଛା ଆୟ ମଧ୍ୟ ବଢୁଛି । ନିତିଦିନିଆ ଜୀବନରେ ସମସ୍ତଙ୍କ ପାଇଁ ବିଜୁଳି ଅତି ଆବଶ୍ୟକ ହୋଇପଡିଛି । ତେଣୁ ସେସବୁକୁ ଦୃଷ୍ଟିରେ ରଖି ଆମେ କ୍ୟାପେକ୍ସ ଯୋଜନାକୁ କାର୍ଯ୍ୟକାରୀ କରି ଦକ୍ଷିଣ ଓଡ଼ିଶାର ବିଜୁଳି ଭିତ୍ତିଭୂମି ସୁଦୃଢ଼ କରୁଅଛୁ । ଏହାସହ ଉପଭୋକ୍ତା କୈନ୍ଦ୍ରିକ ସେବାରେ ଆମେ ବିଶେଷ ଗୁରୁତ୍ୱ ଦେଉଅଛୁ । ତା'ସହ ଭୂତଳ ବିଦ୍ୟୁତ ଲାଇନ୍, ଭିତ୍ତିଭୂମି ଉନ୍ନତିକରଣ ସହ ବ୍ରହ୍ମପୁର ସହରର ବିଭିନ୍ନ ଜରୁରୀକାଳୀନ ସେବା ଏବଂ ଗୁରୁତ୍ୱପୂର୍ଣ୍ଣ ସଂସ୍ଥାଗୁଡିକୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ପାଇଁ କାମ ଚାଲିଛି ।

**୨. ଦକ୍ଷିଣ ଓଡ଼ିଶାର ଏକ ପ୍ରମୁଖ ସହର ବ୍ରହ୍ମପୁର । ସେହି ସହରରେ ବିଜୁଳି ଯୋଗାଣର ମୁଖ୍ୟ ଭାବେ କେଉଁ କେଉଁ କଠିନ ପରିସ୍ଥିତିର ସାମ୍ନା ଆପଣ କରିଛନ୍ତି ? ନୂଆ ବୈଷୟିକ ବିଦ୍ୟା ଏ କ୍ଷେତ୍ରରେ କିପରି ସହାୟକ ହେଉଛି ?**

ନିଶ୍ଚିତ ଭାବେ ବିଦ୍ୟୁତ ବିତରଣ କ୍ଷେତ୍ରରେ ରୂପାନ୍ତରଣ ଆଣିବାରେ ଟେକ୍ନୋଲଜିର ବିଶେଷ ଭୂମିକା ରହିଛି । ଏବେ ଆମର ସବୁ ସବଷ୍ଟେସନ ସ୍କାଡା ଅଟୋମେସନ୍ ହୋଇସାରିଛି । ଯାହା ଦ୍ୱାରା ଆମେ ଉନ୍ନତ ସେବା ଯୋଗାଇପାରୁଛୁ । ବ୍ରହ୍ମପୁର ସହରରେ ଛୁଟି ଦିନରେ ପ୍ରାୟତଃ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପ୍ରକାର ପରୀକ୍ଷା ଥାଏ । ତେଣୁ ସେ ସମୟରେ ପରୀକ୍ଷା କେନ୍ଦ୍ରଗୁଡିକୁ ନିରବଚ୍ଛିନ୍ନ ବିଜୁଳି ଯୋଗାଇବା ଆମର ଏକ ବଡ଼ ଦାୟିତ୍ୱ । ତା'ସହ ଜିଲ୍ଲା ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ବିଭିନ୍ନ ରକ୍ଷଣାବେକ୍ଷଣ କାମ କରିବାକୁ ପଡେ । ଖରା ଦିନେ ଅତ୍ୟଧିକ ଉତ୍ତାପ ଯୋଗୁଁ କେବୁଲ୍ ଲାଇନରେ ତ୍ରୁଟି ଦେଖାଯାଏ । ତାକୁ ତୁରନ୍ତ ସମାଧାନ କରିବା ଏକ ଆହ୍ୱାନ । ଥେର୍ମୋ ସ୍କାନିଂ କ୍ୟାମେରା, ଡ୍ରୋନ୍ ଟେକ୍ନୋଲଜି ଏବଂ ଟାଟା ପାୱାର ଦ୍ୱାରା ସ୍ୱୀକୃତ ବିଭିନ୍ନ ପ୍ରକାର ବୈଷୟିକ ଜ୍ଞାନ କୌଶଳ ଆମେ ଉପଯୋଗ କରୁଅଛୁ ।

**୩. ବ୍ୟକ୍ତିଗତ ଜୀବନରେ ଆପଣଙ୍କ ରୁଚି କଣ ? ଓଡ଼ିଆ ସିନେମା, ସଙ୍ଗୀତ, ସାହିତ୍ୟ କ୍ଷେତ୍ରରେ ଆପଣଙ୍କର ପସନ୍ଦ ବିଷୟରେ କୁହନ୍ତୁ ?**

ଯେହେତୁ ଅପରେସନ ଓ ରକ୍ଷଣାବେକ୍ଷଣ କ୍ଷେତ୍ରରେ କାର୍ଯ୍ୟରତ ଥିବା ଯୋଗୁଁ, ଆମର ସେଭଳି ନିର୍ଦ୍ଦିଷ୍ଟ ସମୟ ନଥାଏ । ଦିନ ହେଉ କି ରାତି, ବିଜୁଳି ସମସ୍ୟାର ତ୍ୱରିତ ସମାଧାନ ପାଇଁ ସବୁ ସମୟରେ ଆମେ ଉପଲବ୍ଧ ରହୁ । ତଥାପି ମୁଁ ପରିବାର ପାଇଁ କିଛି ସମୟ ବାହାର କରେ । ପିଲାମାନଙ୍କ ଖୁସିରେ ମୋର ଖୁସି । ମୋ ପରିବାରର ପସନ୍ଦ ମୁତାବକ ମୁଁ ଅବସର ସମୟ ବିତାଏ । ସିନେମା ସମ୍ପର୍କରେ ମୁଁ କହିବାକୁ ଚାହେଁ ଯେ କୌଣସି ନିର୍ଦ୍ଦିଷ୍ଟ ନାୟକ କିମ୍ବା ନାୟିକା କୈନ୍ଦ୍ରିକ ଚଳଚ୍ଚିତ୍ରରେ ମୋର ରୁଚି ନାହିଁ । ହଁ, ବ୍ୟକ୍ତିଗତ ଭାବେ ମୋତେ ମଇଦାନ, ଉରି: ସର୍ଜିକାଲ୍ ଷ୍ଟ୍ରାଇକ୍ ଭଳି ବାସ୍ତବଧର୍ମୀ ଏବଂ ଦେଶାତ୍ମବୋଧ ଚଳଚ୍ଚିତ୍ର  ଦେଖିବାକୁ ଭଲ ଲାଗେ ।

**୪. ସଂସ୍କୃତି ଓ ପ୍ରାକୃତିକ ସୌନ୍ଦର୍ଯ୍ୟରେ ସମୃଦ୍ଧ ଦକ୍ଷିଣ ଓଡ଼ିଶା । ଆପଣଙ୍କ ମତରେ କେଉଁ ଦିଗଟି ଦକ୍ଷିଣ ଓଡ଼ିଶାକୁ ସ୍ୱତନ୍ତ୍ର ପରିଚୟ ଦିଏ ?**

ସମଗ୍ର ଦକ୍ଷିଣ ଓଡ଼ିଶା ଗୋଟିଏ ସୁନ୍ଦର ଜାଗା । ଏହାର ବିଶେଷତ୍ୱ ହେଲା ଦକ୍ଷିଣ ଓଡ଼ିଶାରେ ଉପକୂଳ ଅଞ୍ଚଳ ଅଛି, ଆଉ ପାହାଡ଼ ଝରଣା ବି ରହିଛି । ଭଞ୍ଜନଗର, ଫୁଲବାଣୀ ଅଞ୍ଚଳରେ ଭରପୂର ଜଙ୍ଗଲ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବାକୁ ପାଇବେ । ତେଣୁ ମୋ ମତରେ ଜଣେ ପର୍ଯ୍ୟଟକ ହିସାବରେ ବୁଲାବୁଲି କରିବା ପାଇଁ ଦକ୍ଷିଣ ଓଡ଼ିଶା ହେଉଛି ଉତ୍ତମ ସ୍ଥାନ ।

**୫. ସିଟି ସର୍କଲରେ ଆଗକୁ ହେବାକୁ ଥିବା ପଦକ୍ଷେପ ଏବଂ ଭିତ୍ତିଭୂମି ବିକାଶ ଯୋଜନା ସମ୍ପର୍କରେ କୁହନ୍ତୁ ?**

ମୁଁ କହିବି ଯେ ବିକାଶ ଏକ ନିରନ୍ତର ପ୍ରକ୍ରିୟା । ଯେମିତି ପାଠପଢା କେବେ ବି ସରେନି, ସେହିଭଳି ବିଦ୍ୟୁତ ଭିତ୍ତିଭୂମି ବିକାଶ ଏବଂ ଟେକ୍ନୋଲଜି କ୍ଷେତ୍ରରେ ମଧ୍ୟ ଆମେ ଗୋଟିଏ ପରେ ଗୋଟିଏ ପାହାଚ ଚଢ଼ି ଆଗକୁ ବଢୁଛୁ । ବର୍ତ୍ତମାନ ଆମର ଓମବିହାର ଏବଂ ମହୁରୀ କାଳୁଆରେ ନୂଆ ସବଷ୍ଟେସନ ନିର୍ମାଣ ହୋଇସାରିଛି । ଏହାସହ ବ୍ରହ୍ମପୁର ସହରର ସେଣ୍ଟ୍ରାଲ  ଜୋନରେ ଗୋଟିଏ ପ୍ରାଇମେରୀ ସବଷ୍ଟେସନ କରିବା ପାଇଁ ଚେଷ୍ଟା କରୁଅଛୁ ଏବଂ ଆଲୋଚନା ଚାଲିଛି । ଆଗକୁ ଆହୁରି ଅନେକ ୩୩ କେଭି ଭୂତଳ ଲାଇନ୍ ସଂଯୋଗ କରିବା ପାଇଁ ଲକ୍ଷ୍ୟ ରହିଛି । ଯାହା ଫଳରେ ବିଜୁଳି ଯୋଗାଣ ବ୍ୟବସ୍ଥା ଆହୁରି ସୁଦୃଢ଼ ହେବ ।

**୬. ଶକ୍ତି କ୍ଷେତ୍ରରେ ଆପଣଙ୍କ ଲମ୍ବା ଅଭିଜ୍ଞତା । ଅନେକ ନୂଆ ଲୋକ ଏ କ୍ଷେତ୍ରକୁ ଆସୁଛନ୍ତି । ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଆପଣ କଣ କହିବେ ?**

ମୁଁ ବିଶ୍ୱାସ କରେ ଯେ ବରିଷ୍ଠ ଅଧିକାରୀ ଏବଂ ଯୁବ ପିଢ଼ି ତଥା ନୂଆ କର୍ମଚାରୀଙ୍କ ମଧ୍ୟରେ ଭଲ ସମ୍ପର୍କ ରହିବା ଉଚିତ । ଯୁବ ପିଢ଼ି ଟିମ୍ ୱର୍କ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ । ସମସ୍ତଙ୍କ ମଧ୍ୟରେ ସମନ୍ୱୟ ରହିଲେ ହିଁ କାମ ସୁରୁଖୁରୁରେ ହୋଇପାରିବ । ମୁଁ ଯେଉଁଠି ବି କାମ କରେ, ସମସ୍ତଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିବାକୁ ଯଥାସମ୍ଭବ ଚେଷ୍ଟା କରେ । ଆମେ ପରସ୍ପର ସହ ଆଲୋଚନା କରୁ, ଆବଶ୍ୟକ ସମୟରେ ପରାମର୍ଶ ନେଉ । ଏହାସହ ବିଦ୍ୟୁତ କ୍ଷେତ୍ରରେ ସବୁବେଳେ ସେଫ୍ଟିକୁ ଧ୍ୟାନରେ ରଖି କାମ କରିବା ପାଇଁ ଯୁବ କର୍ମଚାରୀମାନଙ୍କୁ ଉତ୍ସାହିତ କରିବା ଉଚିତ ।



## CEO's DESK



Dear Team,

As we have already begun the new financial year at the start of April, I want to thank each one of you for your dedication and hard work in the past months. Your efforts continue to build the strong foundation on which we grow, innovate, and serve our communities with excellence.

With summer now upon us, we are reminded of the critical role we play in ensuring uninterrupted power supply during a season that brings both increased demand and operational challenges. I am proud to share that with our meticulous planning and the tireless work of our teams, we are well-positioned to meet these seasonal demands. From preventive maintenance and infrastructure upgrades to field readiness and consumer-centric initiatives, we aimed to enhance our resilience and responsiveness.

Let us continue to uphold the highest standards of safety, efficiency, and customer service as we navigate the summer months. As we carry out our responsibilities, let's also prioritise our well-being; stay hydrated, follow safety protocols, and take necessary precautions while working outdoors.

Regards,
**Mr. Amit Kumar Garg**
**CEO**

# TPSODL Sparks Commitment to safety

Celebrating the 54th National Safety Month, TPSODL rolled out a powerful, people-centric campaign across all six circles, reflecting its deep commitment to safeguard lives while delivering power to Southern Odisha. From the very first day of celebration, the energy was unmistakable—offices came alive with collective pledges, vibrant events, and a shared mission: Zero Harm.

**Engaging Employees**

TPSODL employees across departments joined safety-themed competitions, exchanged innovative ideas, and participated in group discussions to reimagine safety in their daily operations. Quizzes, posters, and short videos added colour and depth to the awareness drive.

**Beyond Boundaries: Community Outreach**

Taking the message beyond office walls, TPSODL organized impactful road rallies. The Suraksha Sachetanata Rath journeyed through tribal and rural belts, educating locals on essential electrical safety norms—making safety a shared responsibility. Community members were encouraged to recognize and report unsafe practices, and awareness sessions helped consumers understand the value of electrical safety in daily life. Dedicated training sessions were also conducted for linemen and workers, reinforcing safety protocols and enhancing their preparedness in high-risk situations.

**Focus on What Matters**

The campaign emphasized practical and life-saving safety principles. It ensures that hazardous tasks must never be assigned to untrained individuals, height safety rules should always be followed, and the use of personal protective equipment (PPE) is non-negotiable. Most importantly, every task must be supervised by a qualified and responsible professional.

**Strengthening the System**

Critical tool inspections were conducted at every primary and grid substation across Southern Odisha. These checks ensure a proactive approach to safety and reliability in power distribution.

**Closing Ceremony with Oath Taking**

The month wrapped up with a solemn closing ceremony where exemplary efforts were honoured, and a renewed oath for safety was taken—marking not the end, but a continuation of TPSODL's dedication to a safer tomorrow.





1 Executive Spotlight
3 Operational Excellence
4 Consumer Centricity
5 Event Hub
6 Empowering Community
7 Travel Treasure
8 In Focus
9 Fun Zone
10 In News

# Operational Excellence

## Bhanjanagar's Battle with Kalabaisakhi



Every year, Kalabaisakhi storms challenge Bhanjanagar Circle with fierce winds, heavy rain, and sudden power outages. Yet, behind this seasonal chaos, there stands a dedicated TPSODL team that gears up even before the first lightning strikes.

By April, the Bhanjanagar Circle experienced around 31 Kalabaisakhi events, affecting Bhanjanagar, Phulbani, and Boudh Division. Due to its location, surrounded by mountains and dense forests, the impact of Kalbaishakhi in the Circle tends to be even more severe.

To tackle this, the Bhanjanagar Circle follows a well-coordinated response plan. All affected feeders are tripped immediately to avoid accidents. While the storm rages on, manpower, vehicles, tools, PPEs, and Pole Masters remain on standby. Once it clears, feeders are test-charged one by one, supported by Fault Passage Indicators to quickly detect faults. If prior damage reports are received, the team conducts direct patrolling to locate issues.

With nearly 230 ground staff on high alert, critical materials are pre-stocked at transit stores to ensure quick restoration. Additionally, a mobile substation is also stationed in the Bhanjanagar Circle to provide temporary power supply to essential services like hospitals, ensuring uninterrupted support until full restoration is completed.

While Kalabaisakhi continues to test Bhanjanagar year after year, the TPSODL team also tries to make the restoration faster than expected. It's a story of teamwork, preparation, and grit against Kalabaishakhi.

### Kalabaisakhi at TPSODL

**Weather Challenges:**
996 Kalabaisakhi instances in FY 2024, reduced to 662 in FY 2025

**Manpower & Deployment:**
**5,900+ ground staff** and **800 standby personnel** mobilised

**Infrastructure Readiness:**
- **6 Mobile Substations** deployed across regions
- **16 transit stores** set up for easy material access
- **24x7 Central Control Centre** for continuous monitoring and quick response

**Network Strengthening/Quick Response:**
- Quick-access stock of poles, conductors, transformers, and LT AB cables
- **4,490 interposing poles** installed for network stability.

### Power Victor:

My name is **Satyanarayan Behera,** I work as a Lineman in the Bhanjanagar Division. Whenever Kalbaishakhi happens, it often results in power tripping, line breakdowns, and tree branches falling on the lines. As soon as the weather settles and the rain stops, our priority is to begin patrolling the affected areas to locate faults. Once the fault is identified, we immediately begin restoration work, strictly following all safety protocols.



# Consumer Centricity

## 334 Villages Reached Under PM Surya Ghar Awareness Drive



TPSODL launched an awareness campaign to promote the PM Surya Ghar: Muft Bijli Yojana, reaching 334 villages across Southern Odisha. This initiative aims to educate rural communities about the benefits of installing rooftop solar systems.

Around 80 coordinators across 8 districts hold meetings with villagers to simplify the scheme and application process for applicants while also informing them about the subsidies available under both central and state government provisions. The campaign has received an encouraging response, with many villagers showing interest in adopting solar energy. Along with this, cinema ads, a pamphlet distribution, newspaper advertisements, and community radio broadcasts are used to ensure widespread reach and impact.




## Happy Consumer: 😊



**ଶୀତଲ ପୂର୍ଣ୍ଣିମା, ଉପଭୋକ୍ତା, ବ୍ରହ୍ମପୁର:**

ମୁଁ ବ୍ରହ୍ମପୁରର ସଦାନନ୍ଦ ବିହାରରେ ରୁହେ । ଟିପିଏସ୍‌ଓଡିଏଲର ଡିଜିଟାଲ ପେମେଣ୍ଟ ସୁବିଧା ଯୋଗୁଁ ଅନେକ ଫାଇଦା ହେଉଅଛି । ବିଶେଷ କରି ମୋ ଭଳି କର୍ମଜୀବୀ ମହିଳାମାନଙ୍କୁ ଏଥିରେ ସୁବିଧା ହେଉଅଛି । ପୂର୍ବ ଭଳି ଆଉ ବିଲ୍ ପୈଠ କରିବା ପାଇଁ ଲାଇନରେ ଠିଆ ହେବାକୁ ପଡୁନି ଏବଂ ଆମେ ଆରାମରେ ଘରେ ବସି ବିଲ୍ ପେମେଣ୍ଟ କରିପାରୁଛୁ । ତା'ସହ ଡିଜିଟାଲ ପେମେଣ୍ଟରେ ୪% ରିହାତି ମଧ୍ୟ ମିଳୁଛି । ଟିପିଏସ୍‌ଓଡିଏଲର ଗ୍ରାହକ ସେବାକୁ ନେଇ ମୁଁ ସନ୍ତୁଷ୍ଟ ଅଛି । ଲୋ ଭୋଲ୍ଟେଜ ସମସ୍ୟା ମଧ୍ୟ ଦୂର ହୋଇଛି । ଏପରିକି ମଧ୍ୟରାତ୍ରିରେ ଅଭିଯୋଗ କଲେ ବି ତୁରନ୍ତ ଉତ୍ତମ ଗ୍ରାହକ ସେବା ମିଳିପାରୁଛି । ସେଥିପାଇଁ ମୁଁ ଟିପିଏସ୍‌ଓଡିଏଲକୁ ଧନ୍ୟବାଦ ଜଣାଉଛି ।



# Event Hub

## Spreading Smiles: TPSODL's Free Health Camp

On World Health Day, TPSODL has organised a free Health Checkup Camp at Navajeeban Seva Aashram, an orphanage in Kanisi, Berhampur. The camp aimed to increase children's health awareness and understanding.

A team of dedicated professionals, including Dr. Subhrajit Mallick and Mr. Dileswari Majhi from TPSODL, along with Dr. Nasim Parwaj and Ms. Swarna Lipi from MKCG Medical College, Berhampur, offered their support. They provided free health checkups for 96 children, assessing their vital health parameters, checking their nutritional levels, offering general consultations, and giving them basic medicines.

This initiative was more than just a health camp; it was a gesture of care and support for these young hearts, reminding them that their health matters.




## TPSODL's HR Innovations Earn State Honour




TPSODL has added another feather to its cap by winning the "Organization with Innovative HR Practices" award at the prestigious Odisha Leadership Awards 2025. The recognition was given under the "Excellence in Innovation" category, celebrating TPSODL's people-centric and forward-looking HR initiatives and continued focus on employee well-being, engagement, diversity, and learning.

The recognition was based on a thorough assessment of the company's initiatives, achievements, media coverage, and supporting documentation. Mr. Sanjeev Kaushik, Head – HR, IR, ES&A, and Mr. Sunil Kumar Rath, Deputy General Manager – HR, received the award on behalf of TPSODL. This recognition marks another milestone in TPSODL's journey of excellence in employee-focused innovation.

## ଟିପିଏସ୍‌ଓଡିଏଲ୍ ତରଫରୁ ରକ୍ତଦାନ ଶିବିର ଆୟୋଜିତ

ସମୁଦାୟର ଉନ୍ନତି ପାଇଁ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧ । ସ୍ଥାନୀୟ ଲୋକଙ୍କ ବିକାଶ ପାଇଁ ଟିପିଏସ୍‌ଓଡିଏଲ୍ ତରଫରୁ ସମୟେ ସମୟେ ନିଆଯାଇଛି ବିଭିନ୍ନ ଅଭିନବ ପଦକ୍ଷେପ ।

ଏହି କ୍ରମରେ ଟିପିଏସ୍‌ଓଡିଏଲ୍ ତରଫରୁ ଲୋକଙ୍କ ସ୍ୱାସ୍ଥ୍ୟକୁ ପ୍ରାଧାନ୍ୟ ଦେଇ ବିଶ୍ୱ ରେଡକ୍ରସ୍ ଦିବସ ଅବସରରେ ଆୟୋଜିତ ହୋଇଛି ରକ୍ତଦାନ ଶିବିର । ବ୍ରହ୍ମପୁର ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ସୋଚ୍‌ର ମିଳିତ ସହଭାଗିତାରେ ଏହି କାର୍ଯ୍ୟକ୍ରମ ହୋଇଛି ।

ଏମ୍.କେ.ସି.ଜି ମେଡିକାଲ କଲେଜର ଡିନ୍ ଡ. ସୁଚିତ୍ରା ଦାସ ଏହି ଶିବିରକୁ ଉଦ୍ଘାଟନ କରିଥିବାବେଳେ ବହୁ ସ୍ୱେଚ୍ଛାସେବୀ, ଡାକ୍ତରୀ ଛାତ୍ରୀଛାତ୍ର ଓ ଟିପିଏସ୍‌ଓଡିଏଲର କର୍ମଚାରୀମାନେ ଯୋଗ ଦେଇଥିଲେ । ଏହି ଶିବିରରେ ମୋଟ ୧୧୮ ୟୁନିଟ ରକ୍ତ ସଂଗ୍ରହ ହୋଇଛି ।



# Empowering Community

## Fragrance of Progress: TPSODL Empowers Women SHGs



In the quiet lanes of Randha Gram Panchayat in the Rangeilunda block of Ganjam district, a group of determined women from Self-Help Groups (SHGs) is turning flower petals into prosperity by producing eco-friendly incense sticks.TPSODL in collaboration with the Odisha Livelihood Mission has established Mangalam Dhoopbati Centre in Panchama village. This centre has become a beacon of empowerment, where more than 20 women have been trained and employed in incense stick making.

What sets this initiative apart is its sustainable approach. The women collect floral remnants from nearby temples and transform them into organic incense sticks.Their journey from homemakers to entrepreneurs reflects TPSODL'S commitment towards women empowerment and making them financially independent.

## ଟିପିଏସ୍ଓଡିଏଲ୍ ତରଫରୁ ବସୁମତୀ ଦିବସ ପାଳିତ

ବିଶ୍ୱ ବସୁମତୀ ଦିବସ ଅବସରରେ ଟିପିଏସ୍ଓଡିଏଲ୍ ତରଫରୁ "ଆମ ଶକ୍ତି, ଆମ ଗ୍ରହ" ବିଷୟବସ୍ତୁକୁ ନେଇ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ବ୍ରହ୍ମପୁର ଡି.ଏ.ଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିପର୍ଯ୍ୟୟ ପ୍ରଶମନ ପାଇଁ ଏକ ମକ୍ ଡ୍ରିଲ୍ ଆୟୋଜନ କରାଯାଇ ଛାତ୍ରଛାତ୍ରୀମାନଙ୍କୁ ଅତ୍ୟାବଶ୍ୟକୀୟ ସୁରକ୍ଷା ଅଭ୍ୟାସ ବାବଦରେ ଜଣାଯାଇଛି । ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଶ୍ରୀମତୀ ମଞ୍ଜୁ ଗର୍ଗ ଯୋଗ ଦେଇ ଏକ ସ୍ଥାୟୀ ଓ ସୁନ୍ଦର ଆସନ୍ତାକାଲି ତଥା ଭବିଷ୍ୟତର ଉତ୍ତର ପିଢ଼ି ପାଇଁ ଏବେଠାରୁ ସଚେତନ ହେବାର ଗୁରୁତ୍ୱ ସମ୍ପର୍କରେ ମତପୋଷଣ କରିଛନ୍ତି । ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଯେଉଁଥିରେ ଛାତ୍ରଛାତ୍ରୀମାନେ ପରିବେଶ ସଂରକ୍ଷଣର ବିଭିନ୍ନ ଦିଗକୁ ଚିତ୍ରକଳା ମାଧ୍ୟମରେ ପ୍ରଦର୍ଶିତ କରିଥଲେ ।






## ଟିପିଏସ୍ଓଡିଏଲ୍ ତରଫରୁ ନବଜୀବନ ଛାତ୍ରାବାସରେ କ୍ରୀଡ଼ା ଉପକରଣ ପ୍ରଦାନ

ଟିପିଏସ୍ଓଡିଏଲ୍ ତରଫରୁ ଆୟୋଜିତ ଟାଟା ସ୍ୱେଚ୍ଛାସେବୀ ସପ୍ତାହ-୨୩ (ଟିଭିଡବ୍ଲ୍ୟୁ) ଅବସରରେ ନବଜୀବନ ଶୈକ୍ଷିକ ଛାତ୍ରାବାସ ପରିଦର୍ଶନ କରାଯାଇଛି । ଏହି ଅବସରରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ସହିତ କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ ସୁନ୍ଦର ମୁହୂର୍ତ୍ତ ବିତାଇଥିଲେ । ଛାତ୍ରୀମାନଙ୍କଦ୍ୱାରା ଆୟୋଜିତ ସମ୍ବଲପୁରୀ ନୃତ୍ୟ ପରିବେଷଣ ସଭିଙ୍କ ମନ ଜିଣିଥିଲା ।

କମ୍ପାନୀର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ ପିଲାମାନଙ୍କର ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ କ୍ରୀଡ଼ା ଉପକରଣ ପ୍ରଦାନ କରିଛନ୍ତି । ଯାହା ସେମାନଙ୍କର ଦୈନନ୍ଦିନ ଜୀବନରେ ବ୍ୟବହାର୍ଯ୍ୟ ହୋଇ ପାରିବ । କମ୍ପାନୀ ତରଫରୁ ନିଆଯାଇଥିବା ଏହି ପଦକ୍ଷେପ ପିଲାମାନଙ୍କ ବୌଦ୍ଧିକ ଓ ଶାରୀରିକ ବିକାଶ ଦିଗରେ ସହାୟକ ହେବ ।

## Journey of Bibek Swain: From Unskilled Labour to a Skilled Professional



Bibek Swain, a resident of Rugumu village in Dharakote, was a daily labourer who had to enter the workforce soon after completing his 10th-grade education. With limited job opportunities in his locality, he struggled to find a stable livelihood. However, his determination to improve his situation led him to the Vocational Training Centre, where he enrolled in a plumbing training program.

The program provided him with essential technical knowledge and hands-on experience, boosting his confidence and equipping him with the professional skills necessary for career growth. After completing his training, Bibek secured a position at Advaitt Retires Home in Hyderabad.

Today, Bibek works as a skilled plumber, earning a starting salary of ₹10,000 per month, along with additional benefits. This stable income has not only improved his financial situation but has also enabled him to support his family and aspire to a brighter future.



# Travel Treasure

## ଓଡ଼ିଶାର ମିନି ତିବ୍ବତ - ଜିରାଙ୍ଗ



ପୂର୍ବଘାଟ ପର୍ବତମାଳାର ସୁଉଚ୍ଚ ପର୍ବତ, ଘଞ୍ଚ ଜଙ୍ଗଲ ଘେରା ପରିବେଶ ଭିତରେ ଗଢିଉଠିଛି ପଦ୍ମସମ୍ଭବ ମହାବିହାର। ଗଜପତି ଜିଲ୍ଲାର ଜିରାଙ୍ଗଠାରେ ରହିଛି ଦକ୍ଷିଣ ଏସିଆର ଦ୍ୱିତୀୟ ବୃହତ୍ତମ ବୌଦ୍ଧ ମନ୍ଦିର। ସବୁଜିମା ଭରା ପରିବେଶରେ ଶାନ୍ତି ଏବଂ ଅହିଂସାର ବାର୍ତ୍ତା ଦେଉଛି ଏହି ବୌଦ୍ଧ କୀର୍ତ୍ତି । ଐତିହ୍ୟ ଏବଂ ସଂସ୍କୃତିର ଏକ ଅନନ୍ୟ ବିଭବ ରୂପେ ବିଦ୍ୟମାନ ଏହି ମନ୍ଦିରରେ ତିବ୍ବତୀୟ ବୌଦ୍ଧ ସନ୍ନ୍ୟାସୀମାନେ ବୁଦ୍ଧଙ୍କ ଉପାସନା କରନ୍ତି ।

ଚୀନର ଆକ୍ରମଣ ପରେ ତିବ୍ବତର ବୌଦ୍ଧ ଧର୍ମାବଲମ୍ବୀମାନେ ଭାରତରେ ବିଭିନ୍ନ ସ୍ଥାନକୁ ଶରଣାର୍ଥୀ ହୋଇ ଆସିଥିଲେ । ସେଥିମଧ୍ୟରୁ ଓଡ଼ିଶା-ଆନ୍ଧ୍ର ସୀମାରେ ଅବସ୍ଥିତ ଗଜପତି ଜିଲ୍ଲାର ମୋହନା ବ୍ଲକର ଜିରାଙ୍ଗଠାରେ କିଛି ତିବ୍ବତୀୟ ବସବାସ କରି ବୌଦ୍ଧ ଉପାସନା ଜାରି ରଖିଲେ । ଦ୍ୱିତୀୟ ବୁଦ୍ଧ ଭାବେ ପରିଚିତ ଗୁରୁ ପଦ୍ମସମ୍ଭବ ଅଷ୍ଟମ ଶତାବ୍ଦୀରେ ତିବ୍ବତଠାରେ ବୌଦ୍ଧ ଧର୍ମର ପ୍ରତିଷ୍ଠା କରିଥିଲେ । ଗୁରୁ ପଦ୍ମସମ୍ଭବଙ୍କର ଜନ୍ମ ଓଡ଼ିଶାରେ ହୋଇଥିବାରୁ ତାଙ୍କୁ ମନେ ରଖିବା ପାଇଁ ଜିରାଙ୍ଗଠାରେ ତାଙ୍କର ଏକ ବଡ଼ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି ।





ପରବର୍ତ୍ତୀ ସମୟରେ ୨୦୧୦ ମସିହାରେ ବୌଦ୍ଧ ଗୁରୁ ଦଲାଇ ଲାମାଙ୍କ ଦ୍ୱାରା ଏଠାରେ ପଦ୍ମସମ୍ଭବ ମହାବିହାର ଉଦଘାଟିତ ହୋଇଥିଲା । ଏହି ମନ୍ଦିରରେ ବୌଦ୍ଧ ଦର୍ଶନ, କିମ୍ବଦନ୍ତୀ ଏବଂ ଜାତକ ଗଳ୍ପ ଆଧାରିତ ବିଭିନ୍ନ ପ୍ରକାର କଳାକୃତି ଏବଂ କାନ୍ଥଚିତ୍ର ଦେଖିବାକୁ ମିଳେ । ମୁଖ୍ୟ ମନ୍ଦିରରେ ଗୌତମ ବୁଦ୍ଧଙ୍କ ବିରାଟ ମୂର୍ତ୍ତି ରହିଛି । ତିବ୍ବତୀୟ ସନ୍ନ୍ୟାସୀମାନେ ଏଠାରେ ରହି ବୌଦ୍ଧ ଧର୍ମ ଗ୍ରନ୍ଥ, ଦର୍ଶନ, ତିବ୍ବତୀୟ ଭାଷା ଇତ୍ୟାଦି ଅଧ୍ୟୟନ କରୁଛନ୍ତି । ୫ ମହଲା ବିଶିଷ୍ଟ ବୌଦ୍ଧ ମନ୍ଦିର ସମ୍ମୁଖରେ ଥିବା ପଦ୍ମସମ୍ଭବ ମାନ ସରୋବର ପର୍ଯ୍ୟଟକଙ୍କୁ ଖୁବ୍ ଆକୃଷ୍ଟ କରେ ।

ଜିରାଙ୍ଗ ନିକଟରେ ରହିଛି ଖସଡ଼ା ଜଳପ୍ରପାତ। ଏଠାକାର ପାହାଡି ଝରଣାର ସ୍ୱଚ୍ଛ ଶୀତଳ ଜଳରେ ସ୍ନାନ କରିବା ସହ ପିକନିକ କରିବା ପାଇଁ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗିରହେ। ଏହାସହ ଏଠାରେ ବସବାସ କରୁଥିବା ତିବ୍ବତୀୟମାନଙ୍କ ନିଆରା ଜୀବନ ଶୈଳୀକୁ ଦେଖିବା ପାଇଁ ଓଡ଼ିଶା ତଥା ରାଜ୍ୟ ବାହାରୁ ମଧ ପର୍ଯ୍ୟଟକ ଆସନ୍ତି। ବ୍ରହ୍ମପୁର ସହରଠାରୁ ଏହାର ଦୂରତା ପ୍ରାୟ ୯୦ କିମି । ପର୍ଯ୍ୟଟକଙ୍କ ରହିବା ଖାଇବା ପାଇଁ ଜିରାଙ୍ଗ ଓ ଚନ୍ଦ୍ରଗିରିଠାରେ ସୁବିଧା ରହିଛି । ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଏହି ବୌଦ୍ଧ ମହାବିହାର ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି ।



# In Focus

## **Innovation Carnival 2025:** Powering Progress with Innovation

**"Innovation distinguishes between a leader and a follower."**

**– Steve Jobs**




Innovation is the driving force with the potential to revolutionize any industry. By embracing innovative models and cutting-edge solutions, TPSODL has significantly reshaped the energy landscape of southern Odisha, making itself a pioneer in the power distribution sector.

To mark the spirit of innovation, TPSODL enthusiastically celebrated Innovation Day 2025 at our corporate office with the theme – "T&D Innovation Carnival." Senior management officials of the company graced the event and shared their valuable insights on the significance of innovation day.

The event featured an exciting exhibition where various departments showcased their completed innovative projects, including Network Engineering and Planning, Plant Engineering, Safety, technology and Commercial department. Some of the key innovative projects showcased include smart automation controllers (RTU), SCADA system, Low Tension automation and Back-feeding protection, UPI based digital payment, innovative cost-effective HG fuse design using aluminium Riser, Smart electrical isolation etc..

Along with this, insightful meetings and engaging discussions were organized on this occasion. TPSODL employees actively participated, sharing their ideas and promoting a culture of innovation, creativity, and collaboration across the organisation.

TPSODL's Innovation Day celebration showcased inspiring ideas and creative solutions for effective power distribution. The event highlighted employee engagement, forward-thinking approach, and reinforced the company's commitment towards technological advancement and excellence in service delivery.



# Fun Zone


ମନୁଆ କି ଖରା କିରେ ଆଜି । ମୋ ମୁଣ୍ଡ ବୁଲେଇଦେବା ଭଳି ଲାଗୁଛି ।
ଆରେ ରମେଶ ତୁ ପାଣି ପିଇ ନାହୁଁ କିରେ!!
ରମେଶ- ମୁଁ ଭାବିଲି କାମଟିକେ ଶୀଘ୍ର ସାରିଦେବି ଆଉ ପାଣି ପିଇବାକୁ ଗଲି କେତେବେଳେ!!
ଆରେ ତୁ ପାଗଳ ହେଇଗଲୁ କି । ଏପଟେ କହୁଛୁ ତୋ ମୁଣ୍ଡ ବୁଲେଇବା ଭଳି ଲାଗୁଛି । ସେପଟେ ପାଣି ନ ପିଇ କାମରେ ସିଏ ପୁଣି ଏତେ ଉପରେ ଚଢ଼ିଛୁ । ତୁ ଭାବୁଛୁ ତୁ ଏ ଖରାକୁ ଟାଳିଦେବୁ ।
ମନେ ରଖିଥିବୁ, ଏ ଟାଣ ଖରାରେ ଢିଲା ଓ ହାଲୁକା ପୋଷାକ, ମୁଣ୍ଡରେ ଟୋପି, ଆଖିରେ ଚଷମା, ପାଦରେ ଜୋତା ଆଉ ପ୍ରଚୁର ପରିମାଣରେ ପାଣି ପିଇଲେ ଯାଇ ଆମେ ଏ ଖରାକୁ ସାମନା କରି ପାରିବା ।
ତାହାଲେ ତୁ ସବୁ ଜିନିଷ ପାଖରେ ରଖିଛୁ ବୋଲି ଏଯାଏଁ ଥକିନାହୁଁ!
ସବୁବେଳେ ଗ୍ରୀଷ୍ମ ସତର୍କତା ନିୟମାବଳୀ ଆମକୁ ମାନିବାକୁ ହେବ । ତାହାଲେ ଯାଇ ଆମେ ଜିତିବା।
ଅଧିକ ଝାଳ ବୋହିବା, ମାଂସପେଶୀ ଟାଣି ଧରିବା, ବାନ୍ତି ଲାଗିବା, ମୁଣ୍ଡ ବୁଲେଇବା ଏସବୁ ହେଉଛି ଅଂଶୁଘାତର ଲକ୍ଷଣ । ଗ୍ରୀଷ୍ମ ସତର୍କତା ନିୟମାବଳୀ ପାଳନ କରନ୍ତୁ । ହାଲୁକା ଓ ଢିଲା ପୋଷାକ ପିନ୍ଧିବା ସହିତ ପ୍ରଚୁର ପରିମାଣରେ ପାଣି, ଓ.ଆର୍.ଏସ୍ ଆଦି ପିଅନ୍ତୁ । ଟୋପି, ଚଷମା, ଓଦା ଗାମୁଛା, ଜୋତା ଆଦି ବ୍ୟବହାର କରନ୍ତୁ । କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଅନୁଭବ କରିଲେ ତୁରନ୍ତ ଡାକ୍ତରଙ୍କୁ ଦେଖାନ୍ତୁ ।







TPSODL

TP SOUTHERN ODISHA
DISTRIBUTION LIMITED
(A Joint Venture of Tata Power and Government of Odisha)

**Get in touch with us:**
*corpcomm@tpsouthernodisha.com*

/TPSODL @TPSouthOdisha @tp_sodl @tpsodl /tpsodl